## ଆଜି କ'ଣ କେଉଁଠି

**କଣିହାଁ**

- ମା' ତାରିଣୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଲୋଧାବନ୍ଧ, ସମୟ: ପୂର୍ବାହ୍ନ ୮ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ଧାରଣା

**ତାଳଚେର,୮।୯(ଡି.ଏନ.ଏ.):** ତାଳଚେରସ୍ଥିତ ଏମ୍‌ସିଏଲ୍ ଜଗନ୍ନାଥ କୋଇଲା ଖଣି ଅଧୀନରେ ଥିବା ବଲଣ୍ଡାସ୍ଥିତ କ୍ୱାର୍ଟର୍ସ ନଂ- ଏମ୍.କ୍ୟୁ. ୧୦୧ରୁ ୧୧୬ ପର୍ଯ୍ୟନ୍ତ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବାରୁ ବୁଧବାର ଏହାର ପ୍ରତିବାଦ କରି ବଲଣ୍ଡା କଲୋନିବାସୀ ଇଲେକ୍ଟ୍ରି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। କନ୍ଦର୍ପ ସେବା ସମିତି ସଭାପତି କନ୍ଦର୍ପ ପ୍ରଧାନଙ୍କ ନେତୃତ୍ୱରେ ଏହି ଧାରଣା ଦୀର୍ଘ ସମୟ ଧରି ଜାରି ରହିଥିଲା। ଖବରପାଇ ଜଗନ୍ନାଥ କ୍ଷେତ୍ର ଜିଏମ୍ ଏ.କେ. ସ୍ୱର୍ଣ୍ଣକାର, କୋଲିୟରୀ ଥାନା ଆଇଆଇସି ସବ୍ୟସାଚୀ ରାଉତ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଜିଏମ୍ ସ୍ୱର୍ଣ୍ଣକାର ୧୦ ଦିନ ସମୟ ଭିତରେ ଏହି ସମସ୍ୟାର ସମାଧାନ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କଲୋନିବାସୀ ଧାରଣାକୁ ସ୍ଥଗିତ କରିଥିବା ସଭାପତି ବିଶିକେଶନ ସାହୁ ପ୍ରକାଶ କରିଛନ୍ତି।

### ୨୦ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୮।୯:** ଅନୁଗୋଳ ଜିଲାରୁ ବୁଧବାର ୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୪ ହଜାର ୧୮୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୫ଜଣ, ଛେଣ୍ଡିପଦା ବ୍ଲକରୁ ୪, ଅନୁଗୋଳ ବ୍ଲକରୁ ୩, ଅନୁଗୋଳ ପୌରାଞ୍ଚଳରୁ ୩, ତାଳଚେର ବ୍ଲକରୁ ୨, କଣିହାଁ ବ୍ଲକରୁ ୨ ଓ ଆଠମଲ୍ଲିକ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୭ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ଜଣଙ୍କର ମୃତ୍ୟୁ ହୋଇଥିବାରୁ ମୋଟ ମୃତକଙ୍କ ସଂଖ୍ୟା ୩୮୦ରେ ପହଞ୍ଚିଛି।

### ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କଣିହାଁ, ୮।୯(ଡି.ଏନ୍.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ନିକଟ ଲୋଧାବନ୍ଧ ଗ୍ରାମରେ ଚାଲିଥିବା ମା' ତାରିଣୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ବୁଧବାର ଶେଷ ହୋଇଛି। ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ସ୍ଥାପନ ନେଇ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ଗୁରୁବାର କଳସ ଯାତ୍ରା କରାଯାଇ ଅଖଣ୍ଡ ଦୀପ ସ୍ଥାପନ ହେବ। ୧୩ ତାରିଖରେ ନଗର ପରିକ୍ରମା, ପୂର୍ଣ୍ଣାହୂତି, ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। କରୋନା କଟକଣା ମାନି କାର୍ଯ୍ୟକ୍ରମରେ ସାମିଲ ହେବାକୁ ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ନିବେଦନ କରାଯାଇଛି।

### ପିତାବଳୀଙ୍କ ବାର୍ଷିକ ପୂଜା

**ଛେଣ୍ଡିପଦା, ୮।୯(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ପରଙ୍ଗ ଗ୍ରାମର ପିତାବଳୀ ଠାକୁରଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ ଭ୍ରମରବର ଗଡ଼ନାୟକ ଏବଂ ସହଯୋଗୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମାପନ ହୋଇଥିଲା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ଯାତ୍ରାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ଆଳତି, ରାତିରେ ସଅଳ ପୂଜା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମ ସଭାପତି ବିପିନ ବିହାରୀ ପାତ୍ର, ସମ୍ପାଦକ ବିପାଶା କୁମାର ସାହୁ, କୋଷାଧ୍ୟକ୍ଷ ଦାମୋଦର ମହାକୁଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଅବକାରୀ ଚଢ଼ାଉ, ଜଣେ ଗିରଫ

**ବଇଣ୍ଡା,୮।୯(ଡି.ଏନ.ଏ):** କିଶୋରନଗର ବ୍ଲକ ହଣ୍ଡପା ଥାନା ଜୟଗଡ଼ ନିକଟରେ ମଙ୍ଗଳବାର ହଣ୍ଡପା ପୋଲିସ ଚଢ଼ାଉ କରି ୨୦ ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ନାକିଚି ଗ୍ରାମର ବିଜୟ ରଣାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୧୬/୨୧ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍‌ଆଇ ସୁନାକର ସ୍ୱାଇଁ ସୂଚନା ଦେଇଛନ୍ତି।

### ପ୍ରାଣୀଧନ ନିରୀକ୍ଷକଙ୍କଠାରୁ ଲୁଟ୍

**କଣିହାଁ,୮।୯(ଡି.ଏନ.ଏ):** କଣିହାଁ ବ୍ଲକ ସମଲ ଥାନା ପବିତ୍ରନଗରସ୍ଥିତ ପ୍ରାଣୀଧନ ସହାୟକ କେନ୍ଦ୍ରର ନିରୀକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କଠାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। କୃଷ୍ଣଚନ୍ଦ୍ର ଶୋଇଥିବାବେଳେ କେତେଜଣ ଦୁର୍ବୃତ୍ତ ଗ୍ରୀଲ୍ ତାଲା ଭାଙ୍ଗି ଘର ଭିତରେ ପଶିଥିଲେ। ତାଙ୍କୁ ମାଡ଼ ମାରିବା ସହ ୬ ହଜାର ଟଙ୍କା ଓ ମୋବାଇଲ୍ ଛଡ଼ାଇ ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ସେବା ପାଇଁ ସରଞ୍ଜାମ ଅଭାବ

- ଖମାର ମେଡିକାଲରେ ବ୍ୟାପକ ଅବ୍ୟବସ୍ଥା
- ଅଚଳ ପଡ଼ିଛି ଏକ୍ସ-ରେ ମେଶିନ, ମିଳୁନି ବ୍ଲଡ୍
- ଲକ୍ଷାଧିକ ଲୋକଙ୍କ ପାଇଁ ଅଛନ୍ତି ୨ ଜଣ ଡାକ୍ତର




**ଖମାର,୮।୯(ଡି.ଏନ.ଏ.)**

କରୋନା ସମୟରେ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ଆବଶ୍ୟକସ୍ଥଳେ ଡାକ୍ତର ନିଯୁକ୍ତି ହେଉଛି। କିନ୍ତୁ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ମେଡିକାଲ ପ୍ରତି ସରକାରଙ୍କ ଦୃଷ୍ଟି ପଡୁନାହିଁ। ଦୀର୍ଘଦିନ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏକ୍ସ-ରେ ମେଶିନ ଅଚଳ ରହିଥିବାବେଳେ ବ୍ଲଡ୍ ବ୍ୟାଙ୍କରୁ ରୋଗୀଙ୍କୁ ବ୍ଲଡ ମିଳିପାରୁ ନାହିଁ। ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ଏହା ଉପରେ ନିର୍ଭର କରୁଥିଲେ ମଧ୍ୟ ଚିକିତ୍ସା ସେବା ଯୋଗାଇ ଦେବାକୁ ଡାକ୍ତରଙ୍କ ନିକଟରେ ସରଞ୍ଜାମର ଅଭାବ ରହିଛି।

ପାଲଲହଡ଼ା ବ୍ଲକର ୭୦ ପ୍ରତିଶତ ଲୋକଙ୍କ ସହିତ କଣିହାଁ, ତେଲକୋଇ, କଙ୍କଡାହାଡ଼ ଆଦି ଅଞ୍ଚଳର ରୋଗୀ ଖମାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଏଠାରେ ୫୦ଟି ବେଡ୍ ବ୍ୟବସ୍ଥା ରହିଛି। ୭ ଡାକ୍ତର ପଦବୀ ମଧ୍ୟରୁ ସରକାର ୫ ଜଣଙ୍କୁ ନିଯୁକ୍ତି ଦେଇଥିଲେ। ସେମାନଙ୍କ ଭିତରୁ ୨ଜଣ ଉଚ୍ଚ ଶିକ୍ଷା ପାଇଁ ଯାଇଥିବାବେଳେ ଜଣଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯାଇଛି। ଫଳରେ ମାତ୍ର ୨ ଜଣ ଡାକ୍ତରରେ ରୋଗୀ ସେବା ଚାଲିଛି। ଦୈନିକ ଶତାଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବାବେଳେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ସମସ୍ତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ସମ୍ଭବ ହୋଇପାରୁ ନାହିଁ। ତେଣୁ ଆଡମିଟ୍ ହେଉଥିବା ରୋଗୀଙ୍କ ମଧ୍ୟରୁ କେତେଜଣଙ୍କୁ ଅନ୍ୟତ୍ର ପଠାଇ ଦିଆଯାଉଛି। ଡାକ୍ତରଖାନାର ଏକ୍ସ-ରେ ମେଶିନ ଅଚଳ ଥିବାରୁ ରୋଗୀମାନେ ଟଙ୍କା ଖର୍ଚ୍ଚ କରି ବାହାରେ ଏକ୍ସ-ରେ କରିବାକୁ ବାଧ୍ୟ ହେଉଛନ୍ତି। ମେଡିକାଲରେ ଥିବା ରକ୍ତ ଭଣ୍ଡାରରୁ କାହାକୁ ରକ୍ତ ମିଳିପାରୁ ନାହିଁ। ଅସ୍ତ୍ରୋପଚାର ଗୃହ ଥିଲେ ମଧ୍ୟ ଆବଶ୍ୟକ ଯନ୍ତ୍ରାଂଶ ନ ଥିବାରୁ ସାଧାରଣ ଅପରେଶନ ମଧ୍ୟ କରାଯାଇ ପାରୁନାହିଁ। କ୍ୟାଣ୍ଟିନ ନ ଥିବାରୁ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଫଳରେ ଅନେକ ରୋଗୀ ଓ ସମ୍ପର୍କୀୟଙ୍କୁ ବାହାରୁ ଖାଦ୍ୟ ମଗାଇ ଖାଇବାକୁ ପଡୁଛି। ରାତିରେ ମେଡିକାଲ ପରିସର ଅନ୍ଧକାରରେ ରହୁଥିବାବେଳେ ସୁରକ୍ଷା କର୍ମୀ ନିୟୋଜିତ କରାଯାଉ ନାହିଁ। ପିଇବା ପାଣିଠାରୁ ଆରମ୍ଭ କରି ଜେନେରେଟର ଅଚଳ ଭଳି ଅନେକ ସମସ୍ୟା ଏଠାରେ ରହିଛି।

**କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛି**



"ମେଡିକାଲରେ ଯେଉଁସବୁ ଅସୁବିଧା ରହିଛି, ସେ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଛି। ଏଠାରେ ଅଭିଜ୍ଞ ତଥା ବୟସ୍କ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛି।

-ମୁକେଶ କୁମାର ପାଳ
ବିଧାୟକ, ପାଲଲହଡ଼ା

**ଅବହେଳା ଅତ୍ୟନ୍ତ ନିନ୍ଦନୀୟ**



"ଖମାର ମେଡିକାଲ ଉପରେ ୪ଟି ବ୍ଲକର ଲକ୍ଷାଧିକ ଲୋକ ନିର୍ଭର କରୁଛନ୍ତି। ଏହା ସତ୍ତ୍ୱେ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅବହେଳା ପ୍ରଦର୍ଶନ କରିବା ନିନ୍ଦନୀୟ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସ୍ଥାନୀୟ ଲୋକପ୍ରତିନିଧି ମଧ୍ୟ ବିଫଳ।

-ଅଶୋକ ମହାନ୍ତି
ଭାଜପା ନେତା, ପାଲଲହଡ଼ା

**ଅଚଳ ଯନ୍ତ୍ରାଂଶ ସଜଡ଼ାଯାଉ**



"ମେଡିକାଲରେ ଥିବା ବ୍ୟବସ୍ଥା ଅନୁଯାୟୀ ଯେତିକି ସମ୍ଭବ ରୋଗୀଙ୍କୁ ସେବା ଦିଆଯାଉଛି। ଅଚଳ ହୋଇପଡ଼ିଥିବା ଯନ୍ତ୍ରାଂଶଗୁଡ଼ିକୁ ସଜାଡି ଦିଆଗଲେ ଓ ଅଧିକ ସରଞ୍ଜାମ ମେଡିକାଲକୁ ଆସିଲେ ଆହୁରି ଭଲ ଚିକିତ୍ସା ଯୋଗାଇ ଦିଆଯାଇପାରନ୍ତା।

-ଡା. ଶଶୀକାନ୍ତ ବେହେରା
ଅଧିକାରୀ, ଖମାର ମେଡିକାଲ

**ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆଯାଉ**

"ଉନ୍ନତମାନର ଯନ୍ତ୍ରପାତି ସହ ବିଶେଷଜ୍ଞ ଡକ୍ତର ନିଯୁକ୍ତି ଦିଆଗଲେ ଖମାର ମେଡିକାଲରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରନ୍ତା। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସହ ଅଚଳ ପଡ଼ିଥିବା ସରଞ୍ଜାମ ଗୁଡ଼ିକୁ କାର୍ଯ୍ୟକ୍ଷମ କରାନ୍ତୁ।

-ଦୁଃଖବନ୍ଧୁ ପ୍ରଧାନ,
ବୁଦ୍ଧିଜୀବୀ, ଖମାର

# ସୁରକ୍ଷାକର୍ମୀ ଇଞ୍ଜେକ୍ସନ ଦେବା ଭିଡିଓ ଭାଇରାଲ

**ଅନୁଗୋଳ ଅଫିସ, ୮।୯**




ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ସୁରକ୍ଷାକର୍ମୀ ରୋଗୀଙ୍କୁ ଇଞ୍ଜେକଶନ ଦେଉଥିବା ଭିଡିଓ ଭାଇରାଲ ହୋଇଛି। ମେଡିକାଲରେ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ରହିଥିଲେ ମଧ୍ୟ କିଭଳି ଭାବେ ଜଣେ ସୁରକ୍ଷାକର୍ମୀ ଇଞ୍ଜେକଶନ ଦେଲେ ସେ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଘଟଣା ସମ୍ପର୍କରେ ସୂଚନା ନାହିଁ। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୯ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠି ନଂ. ୨୩୪୦୫ରେ ଅଣସ୍ୱାସ୍ଥ୍ୟକର୍ମୀ ଯେପରି ରୋଗୀଙ୍କ ଚିକିତ୍ସା ନ କରନ୍ତି ସେ ଦିଗରେ ଦୃଷ୍ଟି ଦେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସତର୍କ କରାଇ ଦିଆଯାଇଥିଲା। ଏହା ସତ୍ତ୍ୱେ ଜଣେ ସୁରକ୍ଷା କର୍ମୀ ଇଞ୍ଜେକଶନ ଦେବା ଅନୁଗୋଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ) ମାନସ ରଞ୍ଜନ ବିଶ୍ୱାଳଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ।

# ମହାସତୀଙ୍କ ପୀଠରେ 'ଡାଲଖାଇ ପର୍ବ'

**ଆଠମଲ୍ଲିକ, ୮।୯(ଡି.ଏନ୍.ଏ)**

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏଡା ପଞ୍ଚାୟତ ପଞ୍ଚଧାରା ପାହାଡ଼ ପାଦଦେଶରେ ଥିବା ମା' ମହାସତୀଙ୍କ ପୀଠରେ 'ଡାଲଖାଇ ପର୍ବ' ବୁଧବାର ପାଳିତ ହୋଇଛି। ମା'ଙ୍କ ନିକଟରେ ଗୁହାରି କଲେ ଭଲ ବର୍ଷା ହେଉଥିବା ବିଶ୍ୱାସ ରହିଛି। ମହାସତୀ ପୀଠ ଉନ୍ନୟନ କମିଟି ସଭାପତି ଚିତ୍ତରଞ୍ଜନ କର୍ଣ୍ଣ, ସମିତିସଭ୍ୟ ସୁଶାନ୍ତ ନାଏକ, ସମ୍ପାଦକ ଜ୍ଞାନେନ୍ଦ୍ର ଭୋଇ, ପୂଜକ ଟିକୁ ଦେହୁରୀ, ଗ୍ରାମ ସଭାପତି ସିଦ୍ଧେଶ୍ୱର ପାଣ୍ଡେ, ସତ୍ୟବାନ ଦେହୁରୀ, ଗଗନ ମଲ୍ଲିକ, ପ୍ରମୋଦ ଅମାନ୍ତ, ରଞ୍ଜନ ସାହୁ, କଳାମାଟି ଗ୍ରାମର ମଦନ ପ୍ରଧାନ, ଦାମୋଦର ହୋତା, ସାରଥି ନାଏକ, ପ୍ରମୋଦ ରାଉତ, ଗୌରାଙ୍ଗ ଚରଣ ସାହୁ, ରାଜେନ୍ଦ୍ର ଗାଇଗରିଆ, ସୁସେନ ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପୀଠର ଉନ୍ନତୀକରଣ ଲାଗି ଆସନ୍ତା ସୋମବାର ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି।

# ନିଯୁକ୍ତି ଦାବିରେ ଧାରଣା



କମ୍ପାନୀ ଗ୍ୟାରେଜ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

**କଣିହାଁ, ୮।୯(ଡି.ଏନ.ଏ.)**

କଣିହାଁ ଖୋଲାମୁହଁ କୋଇଲା ଖଣିରେ ନିୟୋଜିତ ଏକ ଠିକା ସଂସ୍ଥା ଅଧୀନରେ ନିଯୁକ୍ତି ଦାବି କରି ମଙ୍ଗଳବାର କମ୍ପାନୀ ଗ୍ୟାରେଜ ସମ୍ମୁଖରେ ଶ୍ରମିକମାନେ ୮ ଘଣ୍ଟା ଧାରଣା ଦେଇଥିଲେ। ଫଳରେ ଆର୍‌ଏସ୍ ନେଇଥିବା ମାଟି ଓ କୋଇଲା ଉତ୍ତୋଳନ ସାଇଡିଂ ବନ୍ଦ ରହିଥିଲା। ସମସ୍ୟା ସମାଧାନ ଲାଗି ଖଣି ପ୍ରକଳ୍ପ କାର୍ଯ୍ୟାଳୟଠାରେ ତ୍ରିପାକ୍ଷିକ ବୈଠକ ବସିଥିଲା। ଖଣି ମହାପ୍ରବନ୍ଧକ କିଶୋର ରାହୁଲ, ପ୍ରକଳ୍ପ ଅଧିକାରୀ ନାରାୟଣ ପ୍ରସାଦ ପାତ୍ର, ଆଇଆଇସି ରାଜେନ୍ଦ୍ରନାରାୟଣ ପଟ୍ଟନାୟକ, ଶ୍ରମିକ ସଂଘ ସମ୍ପାଦକ ନରହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ଗୁରୁବାର ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ସୂଚନାଯୋଗ୍ୟ, ଆନ୍ଦୋଳନରତ ୭୯ ଶ୍ରମିକ ପୂର୍ବରୁ ଉକ୍ତ ଖଣିରେ କାମ କରୁଥିବା ସଂସ୍ଥା ଅଧୀନରେ ଶ୍ରମିକ, ଚାଳକ, ହେଲପର ଭାବେ କାମ କରୁଥିଲେ। ନୂତନ ଠିକାସଂସ୍ଥା ଆର୍‌ଏସ୍ ଏହି କାର୍ଯ୍ୟ ନେବା ପରେ ସମ୍ପୃକ୍ତ ଶ୍ରମିକଙ୍କୁ ଅଣଦେଖା କରି ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି। ତେଣୁ ବାରମ୍ବାର ଏଭଳି ଆନ୍ଦୋଳନ ମୁଣ୍ଡ ଟେକୁଥିବା ଆନ୍ଦୋଳନକାରୀମାନେ କହିଛନ୍ତି।

# ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୮।୯**

ଅନୁଗୋଳ ସହରାଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟସେବାର ସୁବିଧା ନିମନ୍ତେ ଏକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସହାରଞ୍ଚଳ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପୌରାଞ୍ଚଳର ହୁଲୁରିସିଂହା ଠାରେ ଏକ ଭଡ଼ା ଘରେ ଏହା ଆରମ୍ଭ କରାଯାଇଛି। ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡାକ୍ତର ତ୍ରିଲୋଚନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ରହୁଥିବା ବସ୍ତି ଅଞ୍ଚଳର ଲୋକମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଅଧିକ ଉପକୃତ ହୋଇପାରିବେ ବୋଲି ସିଡିଏମ୍‌ଓ କହିଥିଲେ।

ଏହି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବସ୍ତିରେ ରହୁଥିବା ୨୫ରୁ ୩୦ ହଜାର ବାସିନ୍ଦାଙ୍କ ପାଇଁ ନୋଡାଲ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ସକାଳ ୮ଟାରୁ ୧୧ ଘଟିକା ଏବଂ ସନ୍ଧ୍ୟା ୫ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଏଠାରେ ବର୍ହିବିଭାଗ ସ୍ୱାସ୍ଥ୍ୟସେବା ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଭାବେ ଡାକ୍ତର ସୁରେଶ କୁମାର ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କ ରୋଗ ନିରୂପଣ ପାଇଁ ବିଭିନ୍ନ ପରୀକ୍ଷା ସୁବିଧା ଉପଲବ୍ଧ ରହିଛି। ଏହି ଉଦ୍‌ଘାଟନ ଉତ୍ସବରେ ଡାକ୍ତର ପବିତ୍ର ମୋହନ ବିଶ୍ୱାଳ, ଡାକ୍ତର ଧନଞ୍ଜୟ ବେହେରା ଓ ଡିପିଏମ୍ ବିଶ୍ୱ ରଞ୍ଜନ ରଥ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସମେତ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ଉପସ୍ଥିତ ଥିଲେ। ହୁଲୁରିସିଂହାର ପ୍ରାଥମିକ ବିଦ୍ୟାଳୟ ପଛପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ପ୍ରଶାସନ ପକ୍ଷରୁ ଜାଗା ପ୍ରଦାନ କରାଯାଇଛି। କିନ୍ତୁ ସେଠାରେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ମିଶ୍ରପଡ଼ାର ଏକ ଅସ୍ଥାୟୀ ଘରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି ବୋଲି ସିଡିଏମ୍‌ଓ ପ୍ରଧାନ କହିଛନ୍ତି। ଏହାକୁ ଏକ ଏନ୍‌ଜିଓ ଦ୍ୱାରା ପରିଚାଳିତ କରାଯିବ। ମେଡିକାଲ କର୍ତ୍ତୃପକ୍ଷ ଅର୍ଥ ସହ ମେଡିସିନ ଓ ଯନ୍ତ୍ରାଂଶ ଯୋଗାଇଦେବେ। କିନ୍ତୁ ଲୋକଙ୍କୁ ଉତ୍ତମ ଚିକିତ୍ସା ଓ କର୍ମଚାରୀ ନିୟୋଜନ କରିବା ଦାୟିତ୍ୱ ଏନ୍‌ଜିଓର ବୋଲି ସିଡିଏମ୍‌ଓ ପ୍ରକାଶ କରିଛନ୍ତି।



ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

# ମହାପାଟଙ୍କ ବାର୍ଷିକ ପୂଜା

**ବଅଁରପାଳ, ୮।୯(ଡି.ଏନ.ଏ)**

ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସକାଳେ ଦିଅଁ ଘରୁ ବାଦ୍ୟ ବାଜଣା ସହକାରେ ମା'ଙ୍କ ଆଲମକୁ ପୀଠସ୍ଥଳୀକୁ ଅଣାଯାଇଥିଲା। ଏହାପରେ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁମାନେ ଅଧିଆ ପଡିଥିଲେ। ପୂଜା କମିଟି ସଭାପତି ଲୋକନାଥ ମାଝି, ସମ୍ପାଦକ ଭଜମନ ମହାନ୍ତି, ସୁନୀଲ ମାଝି, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗିରୀଶ ବିଶ୍ୱାଳ, ଅଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନୂଆହତା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଅନ୍ଧାରୀଘର ବାଉତିଙ୍କ ବାର୍ଷିକ ପୂଜା ପାଳିତ ହୋଇଛି। ଅପରାହ୍ନରେ ଦେବୀଙ୍କ ଆଲମକୁ ପୀଠସ୍ଥଳୀକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ମାନସିକଧାରୀ ଅଧିଆ ପଡ଼ିଥିଲେ। ପୂଜା କମିଟି ସଭାପତି ମନୋଜ ସିଂ, ବିନୋଦ ମାଝି, ବାବୁ ଦଳବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସବୁ ଗାଁ ହେବ ବାହ୍ୟ ମଳମୁକ୍ତ

**ଛେଣ୍ଡିପଦା,୮।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ସମସ୍ତ ଗ୍ରାମକୁ ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବାହ୍ୟମଳମୁକ୍ତ କରାଯିବ। ଏ ନେଇ ପରିମଳ ବିଭାଗ ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ବୈଠକ ଅନୁଷ୍ଠିତ ହୋଇଛି। 'ସେଣ୍ଟର ଫର୍ ପଲିସୀ ରିସର୍ଚ୍ଚ'ର ଡ. ହୃଦାନନ୍ଦ ମହାନ୍ତି, ଜିଲା ସାନିଟାଇଜେଶନ ପରାମର୍ଶଦାତା ସ୍ମୃତିରେଖା ମିଶ୍ର, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ସନ୍ତୋଷ ଦାଶ, ଯନ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ମୁର୍ମୁ, ପରିମଳ ସଂଯୋଜକ ସନ୍ଧ୍ୟାରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ଗାଁକୁ ବାହ୍ୟ ମଳମୁକ୍ତ କରିବା ଲାଗି ସର୍ଭେ କରାଯିବ। ପ୍ରତି ଘରେ ବ୍ୟକ୍ତିଗତ ପାଇଖାନା, ଆବର୍ଜନା କୁଣ୍ଡ, ଶୌଚାଳୟ ବ୍ୟବହାର, ମଳଟାଙ୍କି ନିଷ୍କାସନ ଉପରେ ଆଲୋଚନା କରାଯାଇଥିଲା। ସରପଞ୍ଚ, ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ବିଭାଗୀୟ ଅଧିକାରୀଙ୍କ ସହଯୋଗ ରହିଲେ ଏହା ସମ୍ଭବ ହେବ ବୋଲି ମତ ପ୍ରକାଶ ପାଇଥିଲା।




ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

# ରାସ୍ତା ସମ୍ପ୍ରସାରଣ ଉପରେ ଆଲୋଚନା

**ବଅଁରପାଳ, ୮।୯(ଡି.ଏନ୍.ଏ)**

ତାଳଚେର-ଅନୁଗୋଳ ପୁରାତନ ରାଜପଥ ଉନ୍ନୟନ କମିଟି ସଦସ୍ୟଙ୍କୁ ନେଇ ବୁଧବାର ସାଧାରଣ ସଭା ସ୍ଥାନୀୟ ସୀତାରାମ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସୌନିଧି ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ତାଳଚେର ନିର୍ବାଚନମଣ୍ଡଳୀର କର୍ଣ୍ଣପୁର, ଗୋବରା, ବଡ଼ଜୋରଡ଼ା, ତେନ୍ତୁଲୋଇ ପଞ୍ଚାୟତ, ବଅଁରପାଳ ବ୍ଲକ ଅନ୍ତର୍ଗତ ସାକୋସିଂହା, ଜରାସିଂହା, କୁମଣ୍ଡ, ରାଣୀଗୋଡ଼ା, ଜାମୁନାଳୀ ଆଦି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଗ୍ରାମ୍ୟ କମିଟି ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ଗମନାଗମନ ବିକାଶ, ରାସ୍ତା ସମ୍ପ୍ରସାରଣ, ଉନ୍ନତୀକରଣ, ଡ୍ରେନେଜ ବ୍ୟବସ୍ଥାର ସୁଧାର ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଜିଲାପାଳ , କେନ୍ଦ୍ରମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲା ପରିଷଦ ସଭ୍ୟ ସନ୍ତୋଷ ଦାସ, ଆଇନଜୀବୀ ରାମଚନ୍ଦ୍ର ସ୍ୱାଇଁ, ହିମାଂଶୁ ସାହୁ, କୈଳାସ ଭୂଞିଆ, ଅମୂଲ୍ୟ ନାୟକ, ରଞ୍ଜନ ବିଶ୍ୱାଳ, ଦୋଳଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ତ୍ରୈଲୋକ ଦେହୁରୀ ସଭା ପରିଚାଳନା କରିଥିବାବେଳେ କମିଟି ସମ୍ପାଦକ ପରମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

# ବିଜେଡି ସରକାର ଓବିସି ବିରୋଧୀ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାମାନେ।

**ଖବରଦାତା ସମ୍ମିଳନୀରେ ଭାଜପାର ଅଭିଯୋଗ**

**ଅନୁଗୋଳ ଅଫିସ, ୮।୯**

ରାଜ୍ୟରେ ଶାସନ ଭାର ସମ୍ଭାଳୁଥିବା ବିଜେଡି ସରକାର ଓବିସି ବିରୋଧୀ। ଅଢ଼େଇ କୋଟି ଓବିସିଙ୍କୁ ସେମାନଙ୍କ ହକ୍ ଦିଆଯାଉ ନାହିଁ। ରାଜ୍ୟରେ ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବାରେ ବିଜେଡି ସରକାର ଅସମର୍ଥ ବୋଲି ଅନୁଗୋଳ ରାଣୀଗୁଡ଼ାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଏ ନେଇ ସରକାର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଶ୍ୱାଳ ଚେତାବନୀ ଦେଇଛନ୍ତି।

ଭାଜପା ଓବିସି ମୋର୍ଚ୍ଚା ସଭାପତି କହିଛନ୍ତି, ରାଜ୍ୟ ସରକାରଙ୍କ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର। ଓବିସିଙ୍କୁ ଅଧିକାର ଦେବୁ ବୋଲି କହୁଥିବା ବେଳେ ୫୦ ପ୍ରତିଶତ ଭିତରେ ସଂରକ୍ଷଣ ସୀମିତ ରଖିଛନ୍ତି। ଯଦି ଅନୁସୂଚିତ ଜାତି ଓ ଜନଜାତିଙ୍କୁ ୩୮.୭୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଛି, ଓବିସିଙ୍କୁ କିଭଳି ୨୭ ପ୍ରତିଶତ ସଂରକ୍ଷଣ ମିଳିବ ତାହା ସରକାର ସ୍ପଷ୍ଟ କରନ୍ତୁ। ୨୦୦୮ରୁ ଓବିସି ଫାଇନାନ୍ସ ଡେଭଲପ୍‌ମେଣ୍ଟ କର୍ପୋରେଶନ ଗଠିତ ହୋଇଥିଲା। କିନ୍ତୁ ଅଦ୍ୟାବଧି ଜଣେ ବ୍ୟକ୍ତି ମଧ୍ୟ ଏଥିରୁ ଉପକୃତ ହୋଇନାହାନ୍ତି। ତେଣୁ ରାଜ୍ୟ ସରକାର ଓବିସିଙ୍କ ସ୍ୱାର୍ଥ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି ବୋଲି ବିଶ୍ୱାଳ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଓବିସିବର୍ଗଙ୍କ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ତଥା ସମସ୍ତ କ୍ଷେତ୍ରରେ ଉପଯୁକ୍ତ ସଂରକ୍ଷଣ ପାଇଁ ରାଜ୍ୟବ୍ୟାପୀ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅଶୋକ ମହାନ୍ତି ଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଓବିସିମୋର୍ଚ୍ଚା ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ପତି ଓ ସଂଗ୍ରାମ କେଶରୀ ନାୟକ, ଜିଲା ଓବିସି ମୋର୍ଚ୍ଚା ସଭାପତି ସରୋଜ ଜେନା, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୧ ନାବାଳିକା ଉଦ୍ଧାର

**ଢେଙ୍କାନାଳ ଅଫିସ, ୮।୯:** ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳରୁ ୧୧ ନାବାଳିକାଙ୍କୁ ବୁଧବାର ଉଦ୍ଧାର କରାଯାଇଛି। ଏଥିଲାଗି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା। ଉଦ୍ଧାର ନାବାଳିକାଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ନାବାଳିକାମାନେ ନିଖୋଜ ଥିବା ନେଇ ବିଭିନ୍ନ ସମୟରେ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ସେମାନଙ୍କୁ ଉଦ୍ଧାର କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରାଯାଇଥିଲା।

### ୯ ଆକ୍ରାନ୍ତ, ୨ ମୃତ

**ଢେଙ୍କାନାଳ ଅଫିସ, ୮।୯:** ଢେଙ୍କାନାଳ ଜିଲାରୁ ବୁଧବାର ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୨ ଜଣ ସୁସ୍ଥ ହୋଇଛନ୍ତି। ଏଥିସହ ୨ଜଣଙ୍କ ମୃତ୍ୟୁ ଘଟିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ହିନ୍ଦୋଳ ବ୍ଲକର ୨, ସଦର ବ୍ଲକର ୩, ଓଡ଼ାପଡ଼ା ବ୍ଲକର ୨ ଜଣ ଅଛନ୍ତି। ଜିଲାରେ ମୋଟ୍ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୧ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବିଶ୍ୱ ଫିଜିଓଥେରାପି ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୮।୯:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରିୟ' ଦ୍ୱାରା ପରିଚାଳିତ ଫିଜିଓଥେରାପି କ୍ଲିନିକ୍ ପରିସରରେ ବୁଧବାର ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ଟଙ୍କଧର ବାରିକଙ୍କ ନେତୃତ୍ୱରେ ଫିଜିଓଥେରାପିଷ୍ଟ ଅନିତା ସାହୁ, ନିବେଦିତା ନାୟକ, କାଉନ୍‌ସେଲର ଏଲନ୍‌ପ୍ରଭା ସେନାପତି, ସ୍ନେହାଶ୍ରୀ ତରାଇ, ସ୍ୱାସ୍ଥ୍ୟକର୍ମୀ ସୌଭାଗ୍ୟଲକ୍ଷ୍ମୀ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କୁ ଥେରାପି ଦିଆଯାଇଥିଲା।

### ଜମିହରାଙ୍କ ଆନ୍ଦୋଳନ ଚେତାବନୀ

**ହିନ୍ଦୋଳ, ୮।୯(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଗାଲପଡ଼ା ପଞ୍ଚାୟତରେ ସ୍ଥାପିତ ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍ କମ୍ପାନୀ ଜମିହରା ପ୍ରଜାଙ୍କ ସମସ୍ୟା ବୁଝୁ ନ ଥିବା ବୁଧବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, କମ୍ପାନୀ ଦ୍ୱାରା ଜମି ଅଧିଗ୍ରହଣ ପରେ ଝାଡ଼ବନ୍ଧ, ଗାଲପଡ଼ା, ତର୍କାବେଡ଼ା ଅଞ୍ଚଳର ଜମିହରା ପ୍ରଜାମାନେ ୨୦୦୬ରୁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କମ୍ପାନୀ ଚୁକ୍ତି ପାଳନ କରୁନାହିଁ। କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ମିଳୁନି। ନିଯୁକ୍ତିରୁ ବଞ୍ଚିତ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରାଯାଉନାହିଁ। ୧୦ ବର୍ଷ ହେଲା ପୁନର୍ବାସ ଓ ଥଇଥାନ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ବସିନାହିଁ। ଏ ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ପ୍ରାଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା




**ସାତମାଇଲ, ୮।୯(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାଧ୍ୟାପକ ଡ. କୁମାର ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପିକା ବୀଣାପାଣି ତ୍ରିପାଠୀ ଯୋଗଦେଇ ପ୍ରାଧ୍ୟାପକ ସାହୁଙ୍କ ସୁଖମୟ ଅବସର ଜୀବନର କାମନା କରିଥିଲେ। ବିଦାୟୀ ପ୍ରାଧ୍ୟାପକ ସାହୁ ନିଜର ୩୫ ବର୍ଷର କର୍ମମୟ ଜୀବନର ଅନୁଭୂତି ବର୍ଣ୍ଣନା କରିବା ବେଳେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ, ସୁଧାଂଶୁ ବେହେରା, ଡ. ଶୁଭଲକ୍ଷ୍ମୀ ପଟ୍ଟନାୟକ, ଅଧ୍ୟାପକ ଡ. ନରେଶ ନାଏକ, ଅଧ୍ୟାପିକା ଡ. ଗୌତମୀ ନାୟକ, ବିଭାବତୀ ଦାଶ, ଅଜୟ ସୁବୁଦ୍ଧିଙ୍କ ସମେତ ବହୁ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜନଶୁଣାଣି ସ୍ଥଳ ରଣକ୍ଷେତ୍ର

- ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ୬ ପଞ୍ଚାୟତବାସୀଙ୍କ ବିରୋଧ
- ଆଲୋଚନାରେ ଭାଗ ନେଲେନି କି ଅଧିକାରୀଙ୍କ କଥା ଶୁଣିଲେନି
- କମ୍ପାନୀ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ: ଜନସାଧାରଣଙ୍କ ଆଶଙ୍କା ଅମୂଳକ

**ପରଜଙ୍ଗ, ୮।୯(ଡି.ଏନ.ଏ.)**



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ୬ ପଞ୍ଚାୟତବାସୀ ତୀବ୍ର ବିରୋଧ କରିଛନ୍ତି। ଏହାକୁ ନେଇ ବୁଧବାର ଅନୁଷ୍ଠିତ ଜନଶୁଣାଣି ସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ଟେଣ୍ଟ ଭାଙ୍ଗି ଦେବା ସହ ପ୍ରକଳ୍ପ ବାତିଲ କରିବାକୁ ଅଡ଼ି ବସିଥିଲେ। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହେବାରୁ ଜନଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶାସନ ପକ୍ଷରୁ ସ୍ଥଗିତ ରଖାଯାଇଛି।

ପରଜଙ୍ଗ ବ୍ଲକ ଭାଲୁମୁଣ୍ଡ-ଆଲୁଅଝରଣ ରାସ୍ତାର ଡାହାଣ ପାର୍ଶ୍ୱ କାଜୁ ଜଙ୍ଗଲରେ ୱେଷ୍ଟର୍ନ ଇଣ୍ଟିଗ୍ରେଟେଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ଫାସିଲିଟି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଏକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କରିବା ଲାଗି ପ୍ରସ୍ତାବ ରହିଛି। ଏଥିଲାଗି ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ, ଗ୍ରାମବାସୀଙ୍କୁ ନେଇ ପାଟରପଦା କ୍ରିକେଟ ପଡ଼ିଆରେ ବୁଧବାର ପୂର୍ବାହ୍ନରେ ଜନଶୁଣାଣି କାର୍ଯ୍ୟକ୍ରମ ଲାଗି ନିଷ୍ପତ୍ତି ହୋଇଥିଲା। ତେବେ ଜନଶୁଣାଣି ଆରମ୍ଭ ହେବା ପୂର୍ବରୁ ପ୍ରକଳ୍ପ ସଂଲଗ୍ନ ପାଟରପଦା, ରୋଡ୍, ଲୋଧଣୀ, କନ୍ଦରସିଂହା, ରେଣ୍ଟାପାଟ ଏବଂ କୁମୁସୀ ପଞ୍ଚାୟତର ଶତାଧିକ ବାସିନ୍ଦା ଏକାଠି ହୋଇ ବିରୋଧ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରକଳ୍ପର ଆଭିମୁଖ୍ୟ ସମ୍ପର୍କରେ ବୁଝାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସେମାନେ ଆଲୋଚନା କରିବାକୁ ରାଜି ହୋଇ ନ ଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ହେଲେ ପରିବେଶ ପ୍ରଭାବିତ ହେବ। ୬ ପଞ୍ଚାୟତର ଲୋକେ ସମସ୍ୟା ଭୋଗିବେ। ପ୍ରକଳ୍ପ ସ୍ଥଳ ସମେତ ଆଖପାଖ ଅଞ୍ଚଳ ହାତୀଙ୍କ ବିଚରଣସ୍ଥଳ ହୋଇଥିବାରୁ ବନ୍ୟ ଜୀବନ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ତେଣୁ କୌଣସି ପରିସ୍ଥିତିରେ ପ୍ରକଳ୍ପ କରାଇ ଦିଆଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ। ଅନ୍ୟପଟେ କମ୍ପାନୀର ଜେନେରାଲ ମ୍ୟାନେଜର ରତୀନ୍ଦ୍ର ନାରାୟଣ ସାହୁ ଲୋକଙ୍କ ଆଶଙ୍କାକୁ ଖଣ୍ଡନ କରିଛନ୍ତି। ପ୍ରକଳ୍ପରେ କୌଣସି ଲୋକଙ୍କ ବ୍ୟକ୍ତିଗତ ଜମି ଅଧିଗ୍ରହଣ ହେବନାହିଁ। ୧୨.୫୦ ଏକର ସରକାରୀ ଜମିରେ ପ୍ଲାଣ୍ଟ ସ୍ଥାପନ କରାଯିବାକୁ ଯୋଜନା ରହିଛି। ପ୍ରଦୂଷଣ ନିୟମ ଅନୁଯାୟୀ ଜନଶୁଣାଣି କରାଯାଇଥିଲା। ପ୍ରକଳ୍ପ ହେଲେ ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡ଼ା, ଯାଜପୁର, ସମ୍ବଲପୁର, କଟକ, କେନ୍ଦୁଝର ଜିଲାର ପ୍ଲାଣ୍ଟଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ଅଣାଯିବ। ଏହାକୁ ବିଶୋଧନ କରାଯାଇ ଲୁହା ସଂଗ୍ରହ ହେବ। ଏଥିଲାଗି କୌଣସି ଚିମିନି ନିର୍ମାଣ କରାଯିବ ନାହିଁ। ଆଞ୍ଚଳିକସ୍ତରରେ ରୋଜଗାର ସୃଷ୍ଟି ହେବ। କିନ୍ତୁ କେତେଜଣ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ରଖି ପ୍ରକଳ୍ପ ବିଷୟରେ ଅପପ୍ରଚାର କରୁଛନ୍ତି। ଆବର୍ଜନା, ମୃତଦେହ ଆଣି ଏଠାରେ ପରିଚାଳନା କରାଯିବ ବୋଲି ଗୁଜବ ସୃଷ୍ଟି କରୁଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ଲାଗି କମ୍ପାନୀ ୭୦ ଏକରରୁ ଅଧିକ ଜମି କିଣିନେବ ବୋଲି କହି ଲୋକଙ୍କୁ ମତାଉଛନ୍ତି। ତେଣୁ ଏଭଳି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ମ୍ୟାନେଜର କହିଛନ୍ତି। ଅନ୍ୟପଟେ ପ୍ରକଳ୍ପକୁ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ସମର୍ଥନ ଜଣାଇଛନ୍ତି। ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ରୋଜଗାର ମିଳିବ ବୋଲି ସେମାନେ କହିଛନ୍ତି। ପ୍ଲାଣ୍ଟ ସପକ୍ଷବାଦୀମାନେ ଏ ନେଇ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଜନଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ବିନୋଦ ବିହାରୀ ବେହେରା, ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ମିଳୁନି ମୌଳିକ ସୁବିଧା



- ଆନ୍ଦୋଳନ ଚେତାବନୀ ଦେଲା ଏଏପି
- ଜିଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ

**ଢେଙ୍କାନାଳ ଅଫିସ, ୮।୯**

ଢେଙ୍କାନାଳ ଜିଲାର ଶିଳ୍ପ ସମୃଦ୍ଧ ଓଡ଼ାପଡ଼ା ବ୍ଲକ ଉପାନ୍ତ ଅଞ୍ଚଳରେ ଦୀର୍ଘଦିନ ହେଲା ଲାଗି ରହିଥିବା ମୌଳିକ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ ଆଣିଛି ଆମ୍ ଆଦ୍‌ମୀ ପାର୍ଟି (ଏଏପି)। ଏହାର ପ୍ରତିବାଦରେ ଶତାଧିକ କାର୍ଯ୍ୟକର୍ତ୍ତା ବୁଧବାର ଜିଲାପାଳଙ୍କୁ ଭେଟି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ଓଡ଼ାପଡ଼ା ବ୍ଲକର ଉପାନ୍ତ କଳାଙ୍ଗ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଷ୍ଟାଫ୍ ରହୁନାହାନ୍ତି। ଅଞ୍ଚଳବାସୀ ଖର୍ଚ୍ଚାନ୍ତ ହୋଇ ଭାପୁର ସମେତ ଅନ୍ୟ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ପଞ୍ଚାୟତରେ ଥିବା ଏକମାତ୍ର ପାନୀୟ ଜଳ ପ୍ରକଳ୍ପ ୧୦ ବର୍ଷ ହେଲା ଅଚଳ ହୋଇପଡ଼ିଛି। ଲୋକମାନେ ଦୂଷିତ ଜଳ ପିଇବାକୁ ବାଧ୍ୟ ହେଉଛନ୍ତି। ଦଳକ ସାହି ଓ ଚାକୁଣ୍ଡାନାଳୀକୁ ପାଇପ୍ ସଂଯୋଗ ହୋଇ ନାହିଁ। ଦୁବୁକା, ଦଳକ ସାହିକୁ ଭଲ ରାସ୍ତା ନାହିଁ। ଦୁବୁକା, ଆଲୁସିଂହ ଗ୍ରାମର ଟ୍ରାନ୍ସଫର୍ମର ବଜ୍ରପାତରେ ପୋଡ଼ିଯାଇଛି। ଏହାକୁ ମରାମତି କରାଯାଉନାହିଁ। ହାତୀ ଉପଦ୍ରବରୁ ଫସଲ ସୁରକ୍ଷା ଲାଗି ସଦର ଏବଂ ଓଡ଼ାପଡ଼ା ବ୍ଲକର ଅନେକ ଚାଷୀ ସୋଲାର ଲାଇଟ୍ ସହିତ ସୋଲାର ଫେନ୍‌ଶିଂ ବ୍ୟବସ୍ଥା କରିବା ଲାଗି ଆବେଦନ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ହିନ୍ଦୋଳ ବ୍ଲକ୍‌ର ଫାଶି ଗାଁ, ସଦର ବ୍ଲକର ଧୀରପାଟଣା, ବାଲ୍ୟାମ୍ବା, ଚନ୍ଦ୍ରଶେଖରପ୍ରସାଦ, ମଧୁସାହୁପାଟଣା, ଭାଲିଆବୋଲକାଟେଣୀ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉନାହିଁ। ଏସବୁ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲା ଆବାହକ ପଙ୍କଜ ନାୟକଙ୍କ ନେତୃତ୍ୱରେ ଓଡ଼ାପଡ଼ା ବ୍ଲକ୍ ଆବାହକ ରମେଶ ଚନ୍ଦ୍ର ପଣ୍ଡା, ସଦସ୍ୟ ରାଜୀବ କର, ନାରୀନେତ୍ରୀ ସୁଚିତ୍ରା ନାୟକ, ସୁମନ୍ତ ଖିଲାର, ସୌଦାମିନୀ ଦେହୁରୀ, ସନ୍ଧ୍ୟାରାଣୀ ନାୟକ, ମାଳତି ନାୟକ, କାମିନୀ ନାୟକ, ଦୁଷ୍ମନ୍ତ ସାହୁ, ରଞ୍ଜନ ସାହୁ, ଟଙ୍କଧର ନାୟକ ପ୍ରମୁଖ କଚେରି ରୋଡ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।




ଢେଙ୍କାନାଳ ଜିଲା ଭୁବନସ୍ଥିତ ବାଜି ରାଉତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ବୁଧବାର 'ଆଜାଦୀ କା ଅମୃତ ମହୋତ୍ସବ' ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାସେବୀମାନେ କଲେଜ ପରିସରରେ ସଫେଇ କରିବା ସହିତ ମହାବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବାକୁ ସଂକଳ୍ପ ନେଇଥିଲେ।

# ୪୫ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ବଣ୍ଟନ

**ଢେଙ୍କାନାଳ ଅଫିସ, ୮।୯**



୨ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

ଢେଙ୍କାନାଳ ପୁରୁଣା ମୁଖ୍ୟ ଚିକିତ୍ସାଳୟସ୍ଥିତ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପରିସରରେ ବୁଧବାର ଗଁଦିଆ ବ୍ଲକ ଅଞ୍ଚଳର ୪୫ଜଣ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଅର୍ଜୁନ ବେହେରା, ବଳରାମ ପାତ୍ରଙ୍କୁ ଟ୍ରାଇ ସାଇକେଲ ଦିଆଯାଇଥିଲା। ଏଥିସହ ଅସ୍ଥିଶଲ୍ୟ ସମସ୍ୟା ପାଇଁ ୨୬ ଜଣ, ଶ୍ରବଣ ସମସ୍ୟା ଲାଗି ୩ ଜଣ, ରକ୍ତହୀନତା ଲାଗି ୨ ଜଣ, ଦୃଷ୍ଟି ସମସ୍ୟା ପାଇଁ ୫ ଜଣ, ମାନସିକ ଅନଗ୍ରସର ପାଇଁ ୯ ଜଣଙ୍କୁ ପ୍ରମାଣପତ୍ର ଦିଆଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ଜିଲା ପୁନର୍ବାସ ଓ ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ବିବେକ କୁମାର ନାୟକ, ସଙ୍ଗୀତା ପ୍ରିୟଦର୍ଶିନୀ, ସମାପ୍ତିକା ଜେନା, ମନୀଷା ସିଂ, ପ୍ରବୀଣା ଦାସ, ସୁଶ୍ରୀ ନନ୍ଦ, ସୌମ୍ୟା ମିଶ୍ର, ରୁଦ୍ରନାରାୟଣ ଷଡଙ୍ଗୀ, ଅଭିଜିତ୍ ଅଭିନନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପୁଳ ବିସ୍ଫୋରକ ଜବତ

**ଢେଙ୍କାନାଳ ଅଫିସ, ୮।୯**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ଗ୍ରାମରୁ ବୁଧବାର ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଏବଂ ଶିକାର ଲାଗି ବ୍ୟବହୃତ ଉପକରଣ ଜବତ କରାଯାଇଛି। ଏହି ଘଟଣାରେ ବିଦ୍ୟାଧର ଦାସ (୫୩) ଗିରଫ ହୋଇଛନ୍ତି। ଚଢ଼ାଉ ସମୟରେ ୩ଟି ଶୁଆ, ୨ ହରିଣ ଶିଙ୍ଗ, ଗୋଟିଏ ଦେଶୀ ବନ୍ଧୁକ, ୫୦ ଝିଙ୍କ କାଠି, ୨ ସ୍ୱଚ୍‌ଲାଇଟ୍, ବିଦ୍ୟୁତ୍ ତାର, ୮୦୦ ଗ୍ରାମ୍ ସଲ୍‌ଫର, ୩ ଛୁରି, ୨ ତୀର, ୪୫୦ ଗ୍ରାମ ଗନ୍ ପାଉଡର, ଦେଢ଼ କେଜି ଆଲକାଲାଇନ୍, ୪୫୦ ଗ୍ରାମ ଚାର୍‌କୋଲ ଡଷ୍ଟ, ୨ ସେଟ୍ ଇଲେକ୍ଟ୍ରିକ୍ ଡିଟୋନେଟର, ଗୋଟିଏ ଏୟାରଗନ ସହିତ ୨୫୦ ଗ୍ରାମ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଓଆର କେସ୍ ନଂ. ୧୧ ଏସ୍ ୨୦୨୧-୨୨ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ କପିଳାସ ରେଞ୍ଜ୍ କର୍ମଚାରୀ ଏବଂ ଏପିଆର ମୋବାଇଲ୍ ଷ୍ଟାଫ୍ ସାମିଲ ହୋଇଥିଲେ।



ଗିରଫ ଅଭିଯୁକ୍ତ ଏବଂ ଜବତ କରାଯାଇଥିବା ସାମଗ୍ରୀ।

# ନବାନ୍ନରେ ଉତ୍ସବମୁଖର ଯୋରନ୍ଦା

**ଢେଙ୍କାନାଳ ଅଫିସ, ୮।୯**



ମହିମାଧର୍ମର ମୁଖ୍ୟପୀଠ ଯୋରନ୍ଦା ମହିମାଗାଦିରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବୁଧବାର ଅନୁଷ୍ଠିତ ହୋଇଯାଇଛି ନବାନ୍ନ ଉତ୍ସବ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ଶୂନ୍ୟବ୍ରହ୍ମଙ୍କ ଉପାସନାରେ ବିଭୋର ହୋଇଥିଲେ ସାଧୁସନ୍ଥ। ଗୈରିକ ବସ୍ତ୍ରଧାରୀ ସନ୍ନ୍ୟାସୀମାନେ ବିଶ୍ୱକୁ କରୋନା ମୁକ୍ତ କରିବାକୁ ପ୍ରାର୍ଥନା କରିବା ସହ ଜଗତକଲ୍ୟାଣ କାମନା କରିଥିଲେ।

ନବାନ୍ନ ଉପଲକ୍ଷେ, ଆନ୍ଧ୍ରପ୍ରଦେଶ, ମାଲକାନଗିରି, କେନ୍ଦ୍ରାପଡ଼ା, ଗଞ୍ଜାମ, କେନ୍ଦୁଝର, ବରଗଡ, ଜଗତ୍‌ସିଂହପୁର, ବୌଦ୍ଧ, ବାରିପଦା, ଖୋର୍ଦ୍ଧା, କଟକ ସମେତ ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ସାଧୁସନ୍ଥଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ, ପ୍ରାତଃ ସମୟରେ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଏହାପରେ ନୂଆଧାନରେ ପ୍ରସ୍ତୁତ ଚୁଡ଼ା, ଗୁଡ଼, ନଡ଼ିଆ, କଦଳୀ, କ୍ଷୀର, ଦହି, କାଜୁ, କିସ୍‌ମିସ୍, ମହୁ ସମେତ ବିଭିନ୍ନ ଫଳର ସମ୍ମିଶ୍ରଣରେ ନବାନ୍ନ ପ୍ରସ୍ତୁତ କରାଯାଇ ପ୍ରାତଃ ୪ଟାରେ ମହିମା ଗୋସାଇଁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିଲା। ୭ଟି ନୂତନ ମାଟି ହାଣ୍ଡିରେ ତ୍ୟାଗୀ, ବୈରାଗୀମାନେ ନୂତନ ଗୈରିକ ବସ୍ତ୍ର ପିନ୍ଧି ନବାନ୍ନ ଅର୍ପଣ ନୀତି ସମାପନ କରିଥିଲେ। ଏହାପରେ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ମିଳିତ ପ୍ରାର୍ଥନା କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୯ଟାରେ ଆଶ୍ରମ ମଣ୍ଡଳ ଭିକ୍ଷା ଭଣ୍ଡାର ପରିସରରେ ସାଧୁସନ୍ଥ, ଶ୍ରଦ୍ଧାଳୁମାନେ ଏକାଠି ବସି ନବାନ୍ନ ଭକ୍ଷଣ କରିଥିଲେ। ସତ୍ୟ ମହିମା ଧର୍ମଧାମ ପରିଚାଳନା ପରିଷଦ ସଭାପତି ବାବା ଶୁକଦେବ ଦାସ, ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ, ସହ ସମ୍ପାଦକ ସାଧୁ ଅନାମ ଦାସ, ପରିଚାଳନା କମିଟି ସଭ୍ୟ ବାବା ଶଙ୍କର ଦାସ, ବାବା ପ୍ରମୋଦ ଦାସ, ବରିଷ୍ଠ ସନ୍ନାସୀ ବାବା ନଟବର ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି ସତ୍ୟ ଅଲେଖ କୌପିନଧାରୀ ମହିମା ସମାଜ ପକ୍ଷରୁ ରଘୁନାଥ ବାବାଙ୍କ ତତ୍ତ୍ୱାବଧାନରେ ନବାନ୍ନ ଉତ୍ସବ ପାଳିତ ହୋଇଯାଇଛି।

### ୬୦୦ କୁଇଣ୍ଟାଲ ଚୁଡ଼ା ଆସିଛି



"ମହିମା ଗୋସାଇଁ ୧୮୨୬ରେ ଉତ୍କଳ ଭୂମିରେ ଦର୍ଶନ ଦେଇଥିଲେ। ପବିତ୍ର ଯୋରନ୍ଦା ତାଙ୍କର ଶେଷ ଧାମ। ୧୪୭ ବର୍ଷର ଏହି ଆଧାତ୍ମିକ ଅନୁଷ୍ଠାନରେ ୧୯୪୨ରୁ ନୂଆଖାଇ ପାଳିତ ହେଉଛି। ଆଠଗଡ଼ ଅଞ୍ଚଳର ଭୋଇ ପରିବାର ପକ୍ଷରୁ ଚଳିତ ବର୍ଷ ୬୦୦ କୁଇଣ୍ଟାଲ ନୂଆ ଚୁଡ଼ା ଆସିଛି।

-ବାବା ନିତ୍ୟାନନ୍ଦ ଦାସ, ସତ୍ୟ ମହିମା ଧର୍ମଧାମ ପରିଚାଳନା ପରିଷଦ ସମ୍ପାଦକ

### ଅତୁଟ ରହିଛି ବିଶ୍ୱାସ



"ଯୋରନ୍ଦା ମହିମା ଗାଦିରେ ଅନୁଷ୍ଠିତ ନବାନ୍ନ ଉତ୍ସବରେ ସାମିଲ ହେବା ସମସ୍ତଙ୍କ ଭାଗ୍ୟରେ ଜୁଟେନି। ମହିମା ଗୋସାଇଁଙ୍କ ନିକଟରେ ବିଶ୍ୱାସ ଅତୁଟ ରହିଛି। ଏହା ଭାବାବେଗ ଏବଂ ବିଶ୍ୱାସର କଥା। ତାଙ୍କ ଶରଣାପନ୍ନ ହେଉଥିବା ଭକ୍ତ ହିଁ ଏହାକୁ ହୃଦୟଙ୍ଗମ କରିପାରିବେ।

-ସ୍ନେହପ୍ରଭା ବେହେରା, ଭୁବନେଶ୍ୱର

### ଆଶୀର୍ବାଦ ଭିକ୍ଷା କରିବା ସୌଭାଗ୍ୟ



"ବିଶ୍ୱବାସୀଙ୍କ ମଙ୍ଗଳ କାମନା କରି ଶୂନ୍ୟପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଲାଗି ନବାନ୍ନ ଭିନ୍ନ ଅବସର ସୃଷ୍ଟି କରିଛି। ମହିମାଗାଦିରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଉଥିବା ନବାନ୍ନର ସ୍ୱାଦ ନିଆରା। ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିବା ବଡ଼ ସୌଭାଗ୍ୟର କଥା।

-ସୁମନ ଜେନା, ଜଗତ୍‌ସିଂହପୁର

### ଭାଇଚାରାର ନିଆରା ଉଦାହରଣ



"ପ୍ରତିବର୍ଷ ନବାନ୍ନ ଉତ୍ସବରେ ମହିମାଗାଦି ଯୋରନ୍ଦାକୁ ଆସିଥାଏ। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ଉତ୍ସବ ପାଳିତ ହେଉଛି। ରାଜ୍ୟ ସମେତ ରାଜ୍ୟ ବାହାରୁ ବହୁ ସାଧୁସନ୍ଥଙ୍କ ସମାଗମ ହୋଇଛି। ମହିମା ଧର୍ମ ଏକତାର ପ୍ରତୀକ। ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରିବା ଭାଇଚାରାର ନିଆରା ଉଦାହରଣ।

-ଗୌରାଙ୍ଗ ଚରଣ ଦାସ, ଚୌଦ୍ୱାର

